ODM EDUCATIONAL GROUP
*Changing your Tomorrow*

# MORNING PRAYER





CHANGING YOUR TOMORROW

Website: www.odmegroup.org
Email: info@odmps.org
Toll Free: **1800 120 2316**
Sishu Vihar, Infocity Road, Patia, Bhubaneswar- 751024

# ODM PUBLIC SCHOOL

**SESSION :7**
**CLASS :3**
**SUBJECT : ODIA**
**CHAPTER NUMBER: 12**
**CHAPTER NAME :ଆମ ଗାଁ**
**SUBTOPIC : ପଠନ କ୍ରିୟା ଓ ଯୁକ୍ତାକ୍ଷର ଶବ୍ଦ**



Website: www.odmegroup.org
Email: info@odmps.org
Toll Free: 1800 120 2316
Sishu Vihar, Infocity Road, Patia, Bhubaneswar- 751024

## ଅଧ୍ୟୟନର ଉଦ୍ଦେଶ୍ୟ –

ପିଲାମାନଙ୍କର ଶ୍ରବଣ ,କଥନ,ପଠନ ଓ ଯୁକ୍ତାକ୍ଷର ଶବ୍ଦ ଉଚ୍ଚାରଣ  ଶୈଳୀ ର ଅଭିବୃଦ୍ଧି କରାଇବା |



# ଆମ ଗାଁ

ODM EDUCATIONAL GROUP



# ଆମ ଗାଆଁ

ODM EDUCATIONAL GROUP



ଆମ ଗାଁର ନାମ ପୁଷ୍ପପୁର। ଏହାକୁ ଘେରି ରହିଛି ସବୁଜ ଶସ୍ୟକ୍ଷେତ। ଅଳ୍ପଦୂରରେ ଟିକିନଈଟି କୁଳୁକୁଳୁ ଶବ୍ଦ କରି ବହିଯାଉଛି। ଗାଁମୁଣ୍ଡରେ ଶିବମନ୍ଦିର ଅଛି। ଗାଁର ଅଧାରୁ ଅଧିକ ଲୋକ ଚାଷ କାମ କରି ପେଟ ପୋଷନ୍ତି। କ୍ଷେତରେ ଧାନ, ଗହମ, ମୁଗ, ବିରି ଓ ଚିନାବାଦାମ ଚାଷ କରନ୍ତି। ନିଜ ପରିବାର ଚଳିବାପାଇଁ ଖାଦ୍ୟଶସ୍ୟ ରଖି ଅବଶିଷ୍ଟ ବିକ୍ରି କରିଥା'ନ୍ତି। ଏହାଫଳରେ ଅନ୍ୟ ଲୋକମାନେ ସେ ସବୁ ସୁବିଧାରେ ପାଇପାରନ୍ତି।

PATHAGARA ODIAPORTAL.IN By OdiaPortal.in



ଗାଁର ଆଉ କେତେକ ଲୋକ କାଠରେ ଖଟ, ଚଉକି, ଟେବୁଲ, କବାଟ ଓ ଝରକା ଆଦି ତିଆରି କରନ୍ତି। ସେମାନଙ୍କୁ କାଠ ମିସ୍ତ୍ରୀ କୁହାଯାଏ। ଯାହାର ଯେଉଁ ଜିନିଷ ଦରକାର ସେ ତା'ର ଉଚିତ ଦାମ୍ ଦେଇ ସେମାନଙ୍କଠାରୁ କିଣିଥା'ନ୍ତି।

ଗାଁରେ ନାନାପ୍ରକାର ପର୍ବପର୍ବାଣି ପାଳିତ ହୁଏ । ଲୋକମାନେ ପରସ୍ପର ମିଳିମିଶି ମନଫୁର୍ତ୍ତିରେ ପର୍ବପର୍ବାଣି ପାଳିଥା'ନ୍ତି । ଗାଁର ପରିବେଶକୁ ସବୁଜ ସତେଜ ରଖିବାପାଇଁ ଲୋକମାନେ ବୃକ୍ଷରୋପଣ କରନ୍ତି । ଫଳରେ ଗାଁଠାରୁ ଅଳ୍ପ ଦୂରରେ ସୁନ୍ଦର ଜଙ୍ଗଲଟିଏ ସୃଷ୍ଟି ହୋଇଛି । ଏଥିରୁ ସ୍ପଷ୍ଟ ଜଣାପଡ଼େ ଯେ ସତ୍ ପରିଶ୍ରମ କେବେ ହେଲେ ନିଷ୍ଫଳ ହୁଏ ନାହିଁ ।



ଗାଁରେ ବହୁତ ଲୋକ ଫୁଲଚାଷ କରୁଥିବାରୁ ଗାଁଟିର ନାମ ପୁଷ୍ପପୁର ରଖାଯାଇଛି ।



ଗାଁର ଅଳ୍ପ କିଛି ଲୋକ ମାଟିରେ ହାଣ୍ଡି, ମାଠିଆ, ସରା ଗଢ଼ନ୍ତି ।





ଆଉ କେତେକ ଲୋକ ଲୁହାକାମ କରି ପେଟ ପୋଷନ୍ତି । ସେମାନେ ଦାଆ, କଟୁରି, ପନିକି, ପିଠାଖଡ଼ିକା, କୋଡ଼ି, କୋଦାଳ ଆଦି ତିଆରି କରନ୍ତି ।

PATHAGARA PORTAL.in By OdiaPortal.in

କେତେକ ଲୋକ ଗ୍ରାମବାସୀମାନଙ୍କର ମଇଳା ଲୁଗା ଓ ପୋଷାକ ସଫା କରନ୍ତି । ସେଗୁଡ଼ିକ ସାବୁନ ଓ ଲୁଗାସଫା ପାଉଡର୍‌ରେ ସଫାକରନ୍ତି ଓ ଇସ୍ତ୍ରୀକରି ପାରିଶ୍ରମିକ ନିଅନ୍ତି ।





ଗାଁର କିଛି ଲୋକ ନଈ,ନାଳ, ପୋଖରୀରୁ ମାଛଧରି ପେଟପୋଷନ୍ତି । କେତେକଲୋକ ଗାଈ, ମଇଁଷି ପାଳନ କରନ୍ତି । ସେମାନେ କ୍ଷୀର ବିକ୍ରିକରି ଜୀବିକାନିର୍ବାହ କରନ୍ତି ।

ଆମ ଗାଁର ବାଚସ୍ପତି ମହାରଣା ଜଣେ ମୂର୍ତ୍ତିକାରିଗର । ସେ ପଥରରେ ସୁନ୍ଦରସୁନ୍ଦର ମୂର୍ତ୍ତି ତିଆରି କରନ୍ତି । ତାଙ୍କ ହାତର ସ୍ପର୍ଶ ପାଇ ପଥରର ମୂର୍ତ୍ତି ଜୀବନ୍ତ ହୋଇଉଠେ ।



ଗାଁର ଲୋକମାନେ ଭିନ୍ନଭିନ୍ନ କାମ କରୁଥିଲେ ହେଁ ସେମାନଙ୍କ ମନ ଏକ । ପରସ୍ପର ମଧ୍ୟରେ ଉତ୍ତମ ବୁଝାମଣା ଥାଏ । କେହି କାହାକୁ ଛୋଟ ବୋଲି ଭାବନ୍ତି ନାହିଁ । ସମସ୍ତେ ମିଳିମିଶି ଚଳନ୍ତି । ଏକାଠି ମିଶି ନିଷ୍ପତ୍ତି ନିଅନ୍ତି ।

# ଯୁକ୍ତାକ୍ଷର ଶବ୍ଦ

ପୁଷ୍ପପୁର

ମୂର୍ତ୍ତି କାରିଗର

ଅଳ୍ପଦୂର

ସୁନ୍ଦର

ଗାଁ ମୁଣ୍ଡ

ସ୍ୱର୍ଣ

ଅବଶିଷ୍ଟ

ଉତ୍ତମ

ପରସ୍ପର

ଭାବନ୍ତି

ସୃଷ୍ଟି

ସମସ୍ତେ

ନିଷ୍ଫଳ

ନିଷ୍ପତ୍ତି

ହାଣ୍ଡି

ବାଚସ୍ପତି



# ପ୍ରଶ୍ନ ଗୁଡିକର ଉତ୍ତର ଦିଅ |

ODM EDUCATIONAL GROUP

୧ –କିଏ ହାଣ୍ଡି ମାଠିଆ ଗଢେ ?

୨–ଲୁହା କାରିଗର କଣ କଣ ତିଆରି କରେ?

୩ –କ୍ଷୀର ରୁ କଣ କଣ ତିଆରି କରାଯାଏ ?

୪ –ଗୋପାଳକ କିପରି ଭାବରେ ଜୀବିକା ନିର୍ବାହ କରନ୍ତି ?

୫ –ବାଚସ୍ପତି ମହାରଣା କିଏ ?

୬ – ବାଚସ୍ପତି ମହାରଣା କେଉଁଥିରେ କଣ ତିଆରି କରନ୍ତି ?

୭ – ଗାଁ ର ଲୋକମାନେ କିପରି ଚଳନ୍ତି ?

# ଗୃହକର୍ମ

## ଶ୍ରେଣୀ ଫର୍ଦ୍ଦଟିକୁ ମନେରଖ ।



# ଲବ୍ଧ ଜ୍ଞାନର ଫଳାଫଳ-

ପିଲାମାନଙ୍କର ଶ୍ରବଣ,କଥନ,ପଠନ ଓ ଲିଖନ
ଶୈଳୀ ର ଅଭିବୃଦ୍ଧି ଘଟିବ |



# THANKING YOU

# ODM EDUCATIONAL GROUP